ପ୍ରେସ୍ ନୋଟ୍

## ଆସନ୍ତା କାଲି ଠାରୁ ୧୫ ରୁ ୧୮ ବର୍ଷ ବୟସ ପିଲାମାନଙ୍କର କୋଭିଡ ଟିକାକରଣ କରାଯିବ ।

ଅନୁଗୋଳ,ତା.୦୨.୦୧:- ରାଜ୍ୟରେ ଓମିକ୍ରନର ଭୟ ବଢୁଥିବାବେଳେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି । ଛୋଟ ପିଲାମାନଙ୍କୁ ଏହି ସଂକ୍ରମଣ ଅଧିକ ହେବାର ଆଂଶକା ଥିବାରୁ ୩ ତାରିଖ ଠାରୁ ଟୀକାକରଣ ଆରମ୍ଭ ହେବ । ଏହି ଟୀକାକରଣ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି । ସମୁଦାୟ ୨୪ଗୋଟି କେନ୍ଦ୍ରରେ କୋଭାକ୍ସିନ୍ ଟୀକା ସକାଳ ୮ ଘଟିକାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଦିଆଯିବ । ଯେଉଁମାନେ କିଶୋର ପୋର୍ଟାଲରେ ନାମ ପଞ୍ଜିକରଣ କରିନାହାନ୍ତି ସେମାନେ ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରରେ ନିଜର ଆଧାର କାର୍ଡ କିମ୍ବା ଭୋଟର ପରିଚୟ ପତ୍ର ଦେଖାଇ ପଞ୍ଜିକରଣ କରିପାରିବେ । ଏହାଛଡା ସ୍କୁଲର ପରିଚୟ ପତ୍ର ଦେଖାଇ ପଞ୍ଜିକରଣ କରିପାରିବେ । ଏଥିପାଇଁ ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଅବଗତ କରାଯାଇଛି । ଅନୁଗୋଳ ପୌରପାଳିକା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟୀକାକରଣ କରାଯିବାକୁ ଥିବାବେଳେ ଅନୁଗୋଳ ବ୍ଲକ୍ ପାଇଁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପୁରୁଣାଗଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟୀକାକରଣ କରାଯିବ । ବଣ୍ଠରପାଳ ବ୍ଲକ୍ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବଣ୍ଠରପାଳ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବଳରାମପ୍ରସାଦ ସ୍ଥିର କରାଯାଇଛି । ଛେଣ୍ଡିପଦା ବ୍ଲକ୍ ପାଇଁ କୋଶଳା ଓ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିର କରାଯିବା ସହ ଜରପଡା ଓ ପାତ୍ରପଡା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିର ହୋଇଛି । ପାଲଲହଡା ବ୍ଲକ୍ ପାଇଁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର , ରାଜାଡାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଟୀକାକରଣର ବ୍ୟବସ୍ଥା କରାଯାଇଛି । କିଶୋରନଗର ବ୍ଲକ୍ ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିର କରାଯାଇଥିବାବେଳେ ଆଠମଲ୍ଲିକ ବ୍ଲକ୍ ପାଇଁ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଠାକୁରଗଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥିର କରାଯାଇଛି । ତାଳଚେର ବ୍ଲକ୍ ପାଇଁ ଗୋଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ,କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ନେହେରୁ ଶତାବ୍ଦି କେନ୍ଦ୍ରୀୟ ଚିକିତ୍ସାଳୟ ତାଳଚେର ଠାରେ ଟୀକାରଣ କରାଯିବ । କଣିହାଁ ବ୍ଲକ୍ ପାଇଁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ,ବଜ୍ରକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟୀକାକରଣ କରାଯିବ । ସେହିପରି ତାଳଚେର ପୌରାଂଚଳ ପାଇଁ ଉପଖଣ୍ଡ ଚିକିତ୍ସାଳୟ ତାଳଚେରରେ ଟୀକାକରଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି ।